# Akashvani, Sambalpur

# SAMBALPURI NEWS MORNING BULLETIN

## 14 June 2026 - 6.47- 6.52 am.

---

ଏସ୍ଆଇଆର       ଆଇ.ଆଣ୍ଡ୍.ପି.ଆର୍

ଭୋଟର୍ ତାଲିକାକେ ନିର୍ଭୁଲ୍ ଆଉ ସ୍ୱଚ୍ଛ କର୍ବାର୍ ଲାଗି ରାଏଜେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ୍- ଏସ୍ଆଇଆର୍ ଅଭିଯାନ୍ ଶେଷ୍ ଖେପେ ପୁହୁଁଚିଛେ । ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟନୁ ମିଲିଥିବା ସୂଚ୍ନା ଅନ୍ସାରେ ଗଲାକାଏଲ୍ ବେଲ୍ବୁଡ଼ାତକ୍ ରାଜ୍ୟର୍  ୩ କୋଟି ୨୯ ଲାଖ୍ ୬୪ ହଜାର୍ ୫ ଶହ ୧ ଝନ୍ ଭୋଟର୍ଙ୍କୁ ପରିଗଣନା ଫର୍ମ ବଂଟାଯାଇଛେ । ଗଲା ୧୫ ଦିନ୍ ଭିତ୍ରେ ୯୮ ଦଶ୍ମିକ୍ ୬/୫ ପ୍ରତିଶତ୍  ଭୋଟର୍ଙ୍କର୍ ନିକେ ଫର୍ମ ପୁହୁଁଚାବାର୍ଥି ବୁଥ୍ସ୍ତରୀୟ ଅଧିକାରୀମାନେ ସଫଲ୍ ହେଇଛନ୍ । ଇ ସଂଶୋଧନ୍ ପ୍ରକ୍ରିୟାଥି ଫର୍ମ ବଂଟନ୍ ଆଉ ଦାଖଲ୍ ସମିଆ ଜୁନ୍ ୨୮ ତାରିଖ୍ ରହିଛେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍ନେଶ୍ୱର୍ ନ ଆଏବା କାଏଲ୍ ହେବାର୍କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ସେଦିନ ସର୍କାରୀ ଛୁଟି ଦିନ୍ ପଡୁଥିବାର୍ନୁ ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ମିଲିଛେ । ପରବର୍ତୀ ଅଭିଯୋଗ୍ ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ।

ବିଶ୍ୱ ରକ୍ତଦାତା ଦିବସ୍ ଆର୍ଏନ୍ୟୁ /ସମ୍ୱଲପୁର

ରକ୍ତର୍ ମହତ୍ୱ ବାବ୍ଦେ ଲୁକ୍କୁ ସଚେତନ୍ କର୍ବାର୍ ଲାଗି ଫି ବଛର୍ ଆଝିର୍ ଦିନେ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆର୍ ଆନ୍ତର୍ଜାତୀୟ ରେଡ଼କ୍ରସ୍ ସଂସ୍ଥା ୨୦୦୫ ମସିହାନୁ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରୁଛେ । ରକ୍ତ ଗ୍ରୁପ୍ର ଉଦ୍ଭାବନ କରିଥିବା ଡାକ୍ତର୍ ଲ୍ୟାଣ୍ଡଷ୍ଟେନର୍ଙ୍କୁ ସ୍ମରଣ କରିକରି ତାଙ୍କର୍ ଜନମ୍ ଦିନ୍କେ ଇ ଦିବସ୍

ଭାବେ ପାଲନ୍ କରାଯାଉଛେ । ଇ ବଛର୍‌ର ଇ ଦିବସ୍‌ର ବାର୍ତା ହେଉଛେ "ମାନବତାର ଗୁଟେ ବୁନ୍ଦା: ରକ୍ତଦାନ୍ କରୁନ୍ ଜୀବନ୍ ବଁଚଉନ୍" ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୁଟେ ବାର୍ତାଥି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ୍ କରିକରି ରକ୍ତର୍ ଆବଶ୍ୟକତାକେ ପୂରଣ୍ କର୍‌ବାର୍ ଲାଗି ଶପଥ୍ ନେବାର୍‌କେ ରାଜ୍ୟବାସୀଙ୍କୁ କହିଛନ୍ ।

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ ଦିବସ୍ ଅବ୍‌ସରେ ଶୁଭେଚ୍ଛା ଜନାବାର୍ ସହେତେ ଓଡ଼ିଶା ନ ରକ୍ତ ଅଭାବ୍‌ନୁ କାହାରିର୍ ଜୀବନ୍ ହାନୀ ନାଇଁ ହେବାର୍ ଲାଗି ସଭେ ସଂକଳ୍ପ ନେବାର୍‌କେ ଆହ୍ୱାନ୍ ଦେଇଛନ୍ ।

ଏଲ୍‌ନିନୋ ଆର୍‌ଏନ୍‌ୟୁ/ ସମ୍ବଲପୁର

ଏଲ୍‌ନିନୋ କେ ନେଇକରି ରାଜ୍ୟର୍ ଚାଷୀମାନ୍‌କୁ ବ୍ୟସ୍ତ ନାଇଁ ହେବାର୍ ଲାଗି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । କମ୍ ବର୍ଷା ହେଲେ ଭିଲ୍ ରାଜ୍ୟ ସର୍‌କାର୍‌ଙ୍କର୍

ପାଖେ ବିକଳ୍ପ ଯୋଜ୍ନା ତିଆର୍ ଅଛେ । ଜଲ୍‌ସେଚନ୍ ପ୍ରକଳ୍ପ ମାନ୍‌କୁ ପ୍ରସ୍ତୁତ୍ କରାଯିବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ ଚାଷୀମାନ୍‌କୁ ଆଶ୍ୱାସନା ଦେଇଛନ୍ ।

ସୁଦର୍ଶନ୍ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଆର୍‌ଏନ୍‌ୟୁ/ ସମ୍ବଲପୁର

ନାଁକରା ବାଲୁକା ଶିଳ୍ପୀ ସୁଦର୍ଶନ୍ ପଟ୍ଟନାୟକ୍ ଋଷିଆ ନ ହେଇଥିବା ଅନ୍ତର୍ଜାତୀୟ ବାଲୁକା କଳା ମହୋତ୍ସବ୍‌ଥି ଯୋଗ୍ ଦେଇକରି ଋଷିଆନ୍ ଗ୍ରାଣ୍ଡ ସେଣ୍ଡ୍ ମାଷ୍ଟର୍ କପ୍ ଜିତିଛନ୍ । ତାଙ୍କର୍ ଇ ସଫଲତା ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଶୁଭେଚ୍ଛା ଜନେଇକରି କହିଛନ୍, ଓଡ଼ିଆ ଅସ୍ମିତା ସମୃଦ୍ଧ, କଳା, ସଂସ୍କୃତି ଆଉ ଐତିହ୍ୟକେ ସାରା ପୁର୍‌ଥି ନ ପୁହୁଁଚେଇକରି ଶ୍ରୀ ପଟ୍ଟନାୟକ୍ ଓଡ଼ିଶା ଲାଗି ଗୌରବ୍ ଆନିଛନ୍ ।

ରଜ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍‌ଠାନୁ ୩ ଦିନିଆ କୃଷିଭିତିକ ରଜ ପର୍ବ ପାଲନ୍ ମୁଲ୍ ହେଇଛେ । ଆଏବାକାଏଲ୍ ରଜ ସଂକ୍ରାନ୍ତି ଆର୍ ତାର୍

ଆରଦିନ ଭୂମିଦହନ ପାଲନ୍ ହେବା । ମୌସୁମୀ ଆଏଲା ପରେ ଶୁଖା ଭୂଇଁ ନ ବର୍ଷା ପାଏନ୍ ପଡ଼୍‌ବାର୍ ଉତ୍‌ରୁ ମାଏଟ୍‌ର ପ୍ରଜନନ ଶକ୍ତି ବଢ଼୍‌ସି । ସେଥିର୍‌ଲାଗି ଇ ତିନ୍‌ହି ଦିନ ଜମି ଚାଷ୍ ଆର୍ ଅଲ୍‌ଗା ଚାଷ୍ କାମ୍ ନାଇଁ କରାଯାଏ । ପରମ୍ପରା ଅନ୍‌ସାରେ ଇ ତିନ୍‌ହି ଦିନ ବିଶ୍ରାମ ଆର୍ ମନୋରଞ୍ଜନ୍‌ର ସମିଆ ହେଇଥିବାର୍‌ନୁ ପୋଡ଼ପିଠା, ଖିଲିପାନ ସାଙ୍ଗେ ଦୁଲି ଖେଲ୍‌ବାର୍ ଆର୍ ଦୁଲି ଗୀତ ରଜ ପର୍ବର ମୁଖ୍ୟ ଆକର୍ଷଣ୍ ହେସି । ରଜ ପର୍ବ ଉତ୍‌ରୁ ୪ ନମ୍ବର୍ ଦିନ ବସୁମତୀ ସ୍ନାନ କରାଯିବାର୍ ସହେତେ ରଜ ପର୍ବ ଶେଷ୍ ହେସି ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରଜ ପର୍ବ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ । ଓଡ଼ିଆ ସଂସ୍କୃତିର୍ ଇ ମହାନ୍ ପରବ୍ ଆମର୍ ମାଟି ମାର୍ ମହତ୍ୱ, ମାତୃଶକ୍ତିର୍ ସମ୍ମାନ୍ ଆଉ କୃଷିଭିତିକ୍ ସଭ୍ୟତାକେ ପିଢ଼ି ଉତ୍‌ରୁ ପିଢ଼ି ସମୃଦ୍ଧ କରିଆସୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଶୀତଲ୍‌ଷଷ୍ଠୀ- ପତର୍‌ପେଁଡ଼ି ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଆଏଜ୍‌ଠାନୁ ମୁଲ୍ ହେଉଛେ । ନନ୍ଦପଡ଼ାର ବମ୍‌ବରାଢ଼ ବାଲୁଙ୍କେଶ୍ୱର୍ ବାବାଙ୍କର୍ ପତର୍‌ପେଁଡ଼ି କାର୍ଯ୍ୟକ୍ରମ୍ ଆଏଜ୍ ହେବା । ସେଆଡ଼େ ଆଏବା ୧୬ ତାରିଖ୍ ଦିନ ଝାଡୁଆପଡ଼ା ଆଉ ମୁଦିପଡ଼ା ନ ପତର୍‌ପେଁଡ଼ି କାର୍ଯ୍ୟକ୍ରମ୍ କରାଯିବା । ଇଟାକେ ନେଇକରି ଯାତ୍ରା କମିଟି ଆଉ କନ୍ୟା ପିତାମାତାଙ୍କର୍ ଘରେ ଭିଲ୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ ।

ସୋମ୍‌ନାଥ୍ ସ୍ୱାଭିମାନ୍ ଯାତ୍ରା ବର୍‌ଗଡ଼୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ସଂସ୍କୃତି ମନ୍ତ୍ରଣାଳୟ ଆଉ ରାଜ୍ୟ ସଂସ୍କୃତି ବିଭାଗ୍‌ର ମିଲିତ୍ ସହଯୋଗ୍‌ଥି ହେଇଥିବା ସୋମ୍‌ନାଥ୍ ସ୍ୱାଭିମାନ୍ ଯାତ୍ରା ଲାଗି ବର୍‌ଗଡ଼୍ ଜିଲ୍ଲାର୍ ୫୭ ଝନ୍ ତୀର୍ଥ ଯାତ୍ରୀ ଗଲାକାଏଲ୍ ଯାତ୍ରା ମୁଲ୍ କରିଛନ୍ । ତୀର୍ଥଯାତ୍ରୀମାନେ ଭୁବ୍‌ନେଶ୍ୱର୍ ନ ପୁହୁଁଚିକରି ଆଏବା କାଏଲ୍ ରାଜ୍ୟସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ । ଆଉ ଗୁଟେ ସ୍ୱତନ୍ତ୍ର ଟ୍ରେନ୍‌ଥି ଗୁଜୁରାଟ୍‌ର ସୋମ୍‌ନାଥ୍‌କେ ଯାତ୍ରା କର୍‌ବେ ।

ପୋଲିଓ ଟୀକାକରଣ୍ ଟାସ୍କଫୋର୍ସ ସମ୍ମିଲନୀ/ଆର୍ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ମହାନଗର୍ ନିଗମ୍ ସମ୍ମିଲନୀ କକ୍ଷ ନ ନଗର୍‌ସ୍ତରୀୟ ପୋଲିଓ ଟୀକାକରଣ୍ ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ଇ ବଛର୍ ଜୁନ୍ ମାସର୍ ୨୮ , ୨୯ ଆଉ ୩୦ ତାରିଖ୍ ହେବାର୍‌କେ ଥିବା ଇ ପୋଲିଓ ଟୀକାକରଣ୍ ଅଭିଯାନ୍ ବାବ୍‌ଦେ ସୂଚ୍‌ନା ଦିଆଯାଇଥିଲା । ଇ ଅଭିଯାନ୍‌ଥି ସ୍ୱାସ୍ଥ୍ୟ ବିଭାଗ୍‌ର ୨ ଶହ ୧୩ ଟା ଦଲ୍ ନିୟୋଜିତ୍ ଅଛନ୍ । ମହାନଗର୍ ନିଗମ୍ ଅଧୀନ୍‌ଥି ଥିବା ୨୮ ହଜାର୍ ଶହେ ୨୮ ଝନ୍ ଛୁଆଙ୍କୁ ପୋଲିଓ ବୁନ୍ଦା ଦିଆଯିବା । ଇତାର୍‌ଛଡ଼ା ବୈଠକ୍‌ଥି ଷ୍ଟପ୍ ଡାଇରିଆ -୨୦୨୬ କାର୍ଯ୍ୟକ୍ରମ୍ ବାବ୍‌ଦେ ଭିଲ୍ ଆଲୋଚନା କରାଯାଇଥିଲା ।

ପାଣିପାଗ ଆର୍ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟର୍ ଉପକୂଳ ଅଂଚଲ୍ ନ ପୁହୁଁଚିବାର୍ ଉତ୍ରୁ  ଉତର୍ ଭାଗ୍ ଆଡ୍ଡେ ଯାଉଛେ । ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍ନା ଅନ୍ସାରେ, ପାଗ ଅନୁକୂଳ ଥିବାର୍ନୁ ଆଏବା ୨ ନୁ ୩ ଦିନ୍ ଭିତ୍ରେ ମୌସୁମୀବାୟୁ ରାଜ୍ୟର୍ ବଡ଼୍ଭାଗୀ ଇଲାକାକେ ଯିବାର୍ ସମ୍ଭାବନା ରହିଛେ । ଆଏବା ୨୪ ଘଂଟା ଭିତ୍ରେ ବିଜ୍ଲି ଘଡ଼୍ଘଡ଼ି ସହେତେ ବର୍ଷା ହେବା ବଲି ରାୟଗଡ଼ା, କୋରାପୁଟ୍, ମାଲ୍କାନ୍ଗିରି ଆଉ ଗଜପତି ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍ଫୁ ସତର୍କ ସୂଚ୍ନା ଜାରି କରାଯାଇଛେ । ସେଆଡ୍ଡେ ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ସହେତେ ରାଜ୍ୟର୍ ୨୬ ଟା ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେବାର୍ ସମ୍ଭାବନା ରହିଛେ ।